ISSN: 2456-9194, Vol. II, Issue. I, June 2018


# ପ୍ରତ୍ୟୟ

(Journal of Odia Language, Culture and Science)



JournalHomepage:http://cphfs.in/research.php


# ଆଧ୍ୟାତ୍ମିକ ସାହିତ୍ୟ ସୃଜନରେ ମନୋଜ ମାନସ


**ଡକ୍ଟର ମଣୀନ୍ଦ୍ର କୁମାର ମେହେର**

ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର – ୦୪

e-mail: manindrasu@gmail.com



***ସଂକ୍ଷିପ୍ତ ପରିଚୟ*** *- ଓଡିଆ ସାହିତ୍ୟରେ ମନୋଜ ଦାସ ଜଣେ ମହାର୍ଘ ଉଚ୍ଚାରଣ। ତାଙ୍କ ଦୃଷ୍ଟିରେ ଜୀବନରେ ଯିଏ ଆତ୍ମସମୀକ୍ଷା କରିନାହିଁ ତାର ହୃଦୟର ପ୍ରସାରଣ ସମ୍ଭବ ହୋଇପାରିନାହିଁ । ପୁନଃ, ମୃତ୍ୟୁକୁ ବିଲୁପ୍ତ କରାଯାଇ ପାରିବ ନାହିଁ, ମାତ୍ର ତାକୁ ମହତ୍ତର ଜୀବନ ଧାରାରେ ରୂପାନ୍ତରିତ କରାଯାଇପାରିବ । ତେଣୁ, ଶ୍ରୀ ମନୋଜ ଦାସ ତାଙ୍କର ଲେଖାରେ, ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ 'ହେତୁବୋଧ ହିଁ ଶେଷକଥା ନୁହେଁ କିମ୍ବା ହେତୁବାଦୀ ଜୀବନ ହିଁ ପ୍ରକୃତିର ଚୂଡାନ୍ତ ରୂପାୟନ ନୁହେଁ'ର ଦର୍ଶନକୁ ବାରମ୍ବାର ତାଙ୍କର ପାଠକଙ୍କୁ ସୂଚାଇ ଦେବାକୁ ଚାହାଁନ୍ତି । ଆହୁରି ମଧ୍ୟ ତାଙ୍କ ଦୃଷ୍ଟିରେ, ଯେତେବେଳେ ମଣିଷ ନିଜ ଅହଂ କବଳରୁ ଖସି ଆସି, ବିଭିନ୍ନ ଆଦର୍ଶର ପରସ୍ପର ସଂଘାତର ଊର୍ଦ୍ଧ୍ୱକୁ ଯାଇ କେବଳ ମାତ୍ର ଭଗବତ ପ୍ରେରଣା ଦ୍ୱାରା ପରିଚାଳିତ ହେବାକୁ ସକ୍ଷମ ହେବ, ସେତେବେଳେ ହିଁ ସେ ଯଥାର୍ଥ ମୁକ୍ତିର ପୁଲକ ଅନୁଭବ କରିବ ।*



***ପ୍ରମୁଖଶବ୍ଦାବଳୀ-*(Keywords)** *- ମନୋଜ ଦାସ, ହେତୁବୋଧ, ପ୍ରଚ୍ଛନ୍ନ ଭଗବାନ, ପ୍ରଜ୍ଞା-ପ୍ରଦୀପିକା*


ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ମନୋଜଙ୍କ ଅବଦାନ କେତେ ମହତ୍ତ୍ୱପୂର୍ଣ୍ଣ ତାହା ତାଙ୍କର ଅନୁରାଗୀ ପାଠକମାନେ ଗଭୀର ଭାବରେ ଉପଲବ୍ଧି କରିପାରିଛନ୍ତି । ତାଙ୍କର କବିତା ଓ କଥା ସାହିତ୍ୟ ଠାରୁ ଆରମ୍ଭ କରି ତାଙ୍କର ବିଭିନ୍ନ ପ୍ରବନ୍ଧରେ ଆଧ୍ୟାତ୍ମିକ ଆଲୋକର ବିଚ୍ଛୁରଣକୁ ଯେ କେହି ଅନୁଭବ କରିପାରିବେ । ଏ ସବୁ ବ୍ୟତୀତ ତାଙ୍କର "ପ୍ରଜ୍ଞା-ପ୍ରଦୀପିକା" ହେଉଛି ଏଭଳି ଏକ ମହନୀୟ ସୃଷ୍ଟି ଯାହା ଆଧ୍ୟାତ୍ମିକ ଆଲୋକ ଆଡ଼କୁ ଉନ୍ମୁଖ ହେବାକୁ ନିରନ୍ତର ପ୍ରେରଣା ଦେବାକୁ ଏକାନ୍ତ ସକ୍ଷମ । ଏ ଗ୍ରନ୍ଥ ପ୍ରକାଶନ ଅବସରରେ ମନୋଜ ଯାହା କରିଛନ୍ତି ତାହା ଏକାନ୍ତ ଉଲ୍ଲେଖନୀୟ । ଶ୍ରୀ ଅରବିନ୍ଦ ୧୯୧୩ ମସିହା ବେଳକୁ ଏକ ଏକ ଆପ୍ତବାକ୍ୟ ଗୋଟାଏ ଖାତାରେ ଲିପିବଦ୍ଧ କରିଦେଉଥାନ୍ତି । ମନୋଜ କହିଛନ୍ତି "ହୁଏତ ତାଙ୍କ ଚେତନାରେ ଖେଳିଯାଉଥିବା ବହୁବିଧ ଚିନ୍ତା-ତଡ଼ିତ୍ ନିଜ ପାଖରେ ସ୍ପଷ୍ଟ କରି ଥୋଇବା ସକାଶେ କିମ୍ବା ଅନୁଗତମାନଙ୍କୁ ସେମାନଙ୍କ ଧ୍ୟାନ ବା ଚିନ୍ତା-ମନ୍ଥନ ଦିଗରେ ସୁଯୋଗ ଯୋଗାଇଦେବା ନିମନ୍ତେ ସେ ଏହା କରୁଥିଲେ । ସେ ସବୁ ଦିନେ ପ୍ରକାଶ ପାଇବା ଉଚିତ ସେଭଳି ଚିନ୍ତା ସେ କେବେ କରିଥିବାର ପ୍ରମାଣ ନାହିଁ । ଢ ଢ ଢ ଶ୍ରୀଅରବିନ୍ଦଙ୍କ ଲିଖିତ ଏହି ସବୁ ଆପ୍ତବଚନ ବା କାରିକାର ସଂଖ୍ୟା ୫୪୭ । ସେଥି ମଧ୍ୟରୁ ୫୪୦ ଗୋଟିକୁ ସେ ଜ୍ଞାନ, କର୍ମ ଓ ଭକ୍ତି ଏହି ତିନି ଭାଗରେ ବିଭକ୍ତ କରିଥିଲେ । ଶେଷ ସାତଟିକୁ ସେ କୌଣସି ପର୍ଯ୍ୟାୟଭୁକ୍ତ କରିନାହାନ୍ତି । ଢ ଢ ଢ ଏହି ସବୁ ଉକ୍ତିର ସଂକଳନ "ଊଷକ୍ଟଙ୍କଶଷସ୍ବସ୍ଥ ବଭୟ ବକ୍ଟ୍ରଷକ୍ଟକ୍ସସସ୍ବଙ୍କସ୍ଥ ନାମରେ ପ୍ରକାଶ ପାଇଥିଲା ।" (୧)

ଏଭଳି ଉକ୍ତି ଗୁଡ଼ିକ ସଂସ୍କୃତ ଭାଷାରେ ସୁକ୍ତ, ସୂତ୍ର ସୁଭାଷିତ ଓ କାରିକା ନାମରେ ପ୍ରସିଦ୍ଧ । ଶ୍ରୀ ଅରବିନ୍ଦଙ୍କ ଏହି ସବୁ ଆପ୍ତବାକ୍ୟ ସଂପର୍କରେ ଶ୍ରୀମା ଶିଷ୍ୟମାନଙ୍କ ଆଗରେ ବ୍ୟାଖ୍ୟା ଉପସ୍ଥାପନ କରୁଥିଲେ । ଶ୍ରୀ ଅରବିନ୍ଦଙ୍କ ଉକ୍ତ ପୁସ୍ତକର ଓଡ଼ିଆ ନାମ ଚୟନ ସମୟରେ ଶ୍ରୀ ଅରବିନ୍ଦଙ୍କ ଭାବନା-କାରିକା ନାମ ନିର୍ବାଚନ କରି ମନୋଜ ତାଙ୍କ ସ୍ୱାତନ୍ତ୍ର୍ୟର ପରିଚୟ ଦେଇଛନ୍ତି ।

ଜ୍ଞାନ ଓ ପ୍ରଜ୍ଞା ଉଭୟ ଭିତରେ ପାର୍ଥକ୍ୟ କଣ ରହିଛି ତାହା କାରିକା ନମ୍ବର-୧ରୁ ଉପଲବ୍ଧି କରିହୁଏ । ଶ୍ରୀ ଅରବିନ୍ଦ କହିଛନ୍ତି "ବିକୃତ ମାଧ୍ୟମ ଦେଇ ଦେଖି ସତ୍ୟର ଯେତିକି ମାତ୍ରାକୁ ମନ ଅଣ୍ଡାଳି ନିରୂପଣ କରିପାରେ ତାହା ହିଁ ଜ୍ଞାନ । ଦିବ୍ୟ ଦୃଷ୍ଟି ଆତ୍ମା ଜରିଆରେ ଯାହା ଦେଖିପାରେ ତାହା ହିଁ ପ୍ରଜ୍ଞା ।" (୨) ଶ୍ରୀମା ଅଜ୍ଞାନ ଅନ୍ଧକାରରୁ ଯାହା ଆଲୋକ ଦିଗରେ ଆମକୁ ନେଇଯାଏ ତାହା ଉଭୟ ଶକ୍ତିର ଅବଦାନ ବୋଲି ବ୍ୟାଖ୍ୟା କରିଥିବା ସ୍ଥଳେ ଏହି କଥାକୁ ଅଧିକ ସ୍ପଷ୍ଟ କରିଦେବା ପାଇଁ କହିଛନ୍ତି "ଜ୍ଞାନ ମନଦ୍ୱାରା ମିଳି ପାରୁଥିବା ସ୍ଥଳେ ପ୍ରଜ୍ଞାଲାଭ କରିବାର ମାଧ୍ୟମ ଆମର ଆତ୍ମା" (୩) ଜ୍ଞାନକୁ ଯିଏ ଜଣେ ଜ୍ଞାନକୁ ନିଜ ଜୀବନରେ କାର୍ଯ୍ୟକାରୀ କରୁଥାଇ ପାରେ ସେ

ହେଉଛି ପ୍ରକୃତ ଜ୍ଞାନୀ । କାହାଣୀ ପ୍ରଖ୍ୟାପନ ଜରିଆରେ ମନୋଜ ଏ ସତ୍ୟକୁ ପ୍ରକଟନ କରିଛନ୍ତି ପ୍ରଭାବଶାଳୀ ଭାବରେ ।

ଅନେକ ସମୟରେ ସବୁ ପ୍ରକାରର ସାହିତ୍ୟ, ଶିଳ୍ପ କଳା, ସଂଗୀତ ପଛରେ ପ୍ରେରଣା ରହିଛି ବୋଲି ଆମେ ହାଲୁକା ଭାବରେ କହିଥାଉ । କିନ୍ତୁ, ମନୋଜ ଯାହା କିଛି ମହତ୍ ସାହିତ୍ୟ ଓ ସଂଗୀତ ତାହାରି ପଶ୍ଚାତରେ ହିଁ ଯଥାର୍ଥ ପ୍ରେରଣା ବିଦ୍ୟମାନ ବୋଲି ପ୍ରତିପାଦନ କରିଛନ୍ତି, ଶ୍ରୀ ଅରବିନ୍ଦଙ୍କ କାରିକାକୁ ଭିତ୍ତି କରି । ବାକ୍‌ଶକ୍ତିର ପ୍ରଭାବ ଶ୍ରୀ ଅରବିନ୍ଦଙ୍କ ଥିଲା ଅପୂର୍ବ । ତାଙ୍କର ଭାବନାକୁ ଉପଯୁକ୍ତ ଭାଷା ମାଧ୍ୟମରେ ମନୋଜ ବ୍ୟକ୍ତ କରି କହୁଛନ୍ତି "ଯଦି ଆବେଗ ଦ୍ୱାରା ପରିଚାଳିତ ହୋଇ ଶ୍ରୀ ଅରବିନ୍ଦ କଥା କହୁନଥିଲେ କି ଯୁକ୍ତି ବୋଧ ଦ୍ୱାରା ବି ନୁହେଁ, ତେବେ ତାକୁ କଥା କୁହାଯାଉଥିଲା କିଏ ? କୁହାଯାଉଥିଲା ହେତୁ ବୋଧ ବିଚାର ଶକ୍ତି ଏସବୁ ଠୁଁ ବହୁଗୁଣ ଅଧିକ ଶକ୍ତିଶାଳୀ ଦିବ୍ୟ ପ୍ରେରଣା । ବହୁ ଉଚ୍ଚ ସ୍ତରରୁ ସେ ପ୍ରେରଣା ଆସୁଥିଲା ।" (୪) । ଶ୍ରୀ ଅରବିନ୍ଦ ମନକୁ ସଂପୂର୍ଣ୍ଣ ନିରବତା ଓ ନିଶ୍ଚଳତା ମଧ୍ୟରେ କେନ୍ଦ୍ରୀଭୂତ କରିଦେଇ ଯାହା କହୁଥିଲେ ସେ ସମ୍ପର୍କରେ ମନୋଜ କହୁଛନ୍ତି "ଯାହା ସେ କହିବା ବିଧି ନିର୍ଦ୍ଦିଷ୍ଟ, ତାହା ବଳେବଳେ ତାଙ୍କ ମୁହଁରୁ ନିର୍ଗତ ହେଉଥିଲା ।" (୫) ଏଭଳି କାରିକା ଯାହା ମନୋଜ ଓଡ଼ିଆରେ ଅନୁବାଦ କରିଛନ୍ତି ତାକୁ ସଂପୂର୍ଣ୍ଣ ଉଦ୍ଧାର କରାଯାଇପାରିବ । "ମୁଁ କଥା କହିବାକୁ ଗଲାବେଳେ ମୋ ହେତୁ ବୋଧ କହେ "ମୁଁ ଏଇୟା କହିବି"; କିନ୍ତୁ ଭଗବାନ ମୋ ମୁହଁରୁ କଥା ଛଡ଼େଇ ନିଅନ୍ତି ଏବଂ ପାଟିରୁ ଏପରି କଥା ବାହାରେ, ଯେଉଁଥିରେ ହେତୁବୋଧ ଥରହର ହୁଏ ।" (୬) ଶ୍ରୀ ଅରବିନ୍ଦ ଙ୍କ ଚେତନା ଦିବ୍ୟ ଶକ୍ତିଦ୍ୱାରା ଯେ ପରିଚାଳିତ ହେଉଥିଲା ତାହା ଏ ରଚନାରୁ ହୃଦୟଙ୍ଗମ କରିହୁଏ । ଅନାଗତ ଐଶ୍ୱର୍ଯ୍ୟର ଅକଳ୍ପନୀୟ ରୂପ ନାମକ ଶୀର୍ଷକରେ ଶ୍ରୀ ଅରବିନ୍ଦଙ୍କ ଭାବନା କାରିକାର ଓଡ଼ିଆ ରୂପାନ୍ତର କରି ମନୋଜ କହୁଛନ୍ତି "ଆମ ଯାତ୍ରାପଥରେ କେଉଁ ଅସୀମ ଆନନ୍ଦ, କେଡ଼େ ପରିପୂର୍ଣ୍ଣ ଶକ୍ତି, ସ୍ୱତଃସ୍ଫୂର୍ତ୍ତ ଜ୍ଞାନର କେଉଁ ଜ୍ୟୋତିର୍ମୟ ପ୍ରସାର, ଆମର ସତ୍ତାର କେଡ଼େ ପ୍ରସାରିତ ପ୍ରଶାନ୍ତି ଆମ ପାଇଁ ଅପେକ୍ଷା କରିଛି-ମାନବଜାତି ପଲକଟିଏ ପାଇଁ ଯଦି ସେ ସବୁ ଦେଖି ପାରନ୍ତା- ଯେଉଁସବୁ ଐଶ୍ୱର୍ଯ୍ୟ ଆମ ପଶୁପ୍ରକୃତି ବିବର୍ତ୍ତନ କ୍ରମରେ ଏ ଯାଏ ହାସଲ କରିପାରି ନାହିଁ-ତେବେ ମଣିଷ ଅନ୍ୟସବୁକୁ ତୁଚ୍ଛ କରି ଏସବୁ କରଗତ ନ ହେବା ପର୍ଯ୍ୟନ୍ତ ଚୁପ୍‌ଚାପ୍ ରହି ପାରନ୍ତା ନାହିଁ । କିନ୍ତୁ ପଥ ସଂକୀର୍ଣ୍ଣ, ଜୋର କରି ଦର୍ଜା ଖୋଲିବା ସହଜ ନୁହେଁ । ଏବଂ ଭୟ, ଅବିଶ୍ୱାସ ଓ ସନ୍ଦେହ ପ୍ରକୃତିର ପ୍ରହରୀ ରୂପେ ଆମକୁ ତା'ର ଗତାନୁଗତିକ ଚରାଭୂଇଁରୁ ମୁହଁ ବୁଲେଇ ସେ ଦିଗରେ ଅଗ୍ରସର ହେବାକୁ ବାରଣ କରନ୍ତି । (୭) ଶ୍ରୀ ଅରବିନ୍ଦଙ୍କ କାରିକା ଉପରେ ନିଜର ମନ୍ତବ୍ୟ ପ୍ରଦାନ କରି ଶ୍ରୀମା ସଂକେତ ଦେଇଛନ୍ତି ଯେ ଯାହା ଭିତରେ ରହିଥିବ ସଚ୍ଚା ଅଭିପ୍ସା ସେ ନିଶ୍ଚିତ ଭାବରେ କୌଣସି ନା କୌଣସି ଏକ ବିରଳ ମୁହୂର୍ତ୍ତରେ ସେହି ଆନନ୍ଦମୟ ଐଶ୍ୱର୍ଯ୍ୟ ସ୍ପର୍ଶରେ ଅଭିଭୂତ ହେବ । କାହାଣୀ ବିବୃତ କରିବା ମାଧ୍ୟମରେ ମନୋଜ ପାଠକର ଚେତନାକୁ ଅକଳ୍ପନୀୟ ଆନନ୍ଦ, ଶକ୍ତି ଓ ଜ୍ଞାନର ଐଶ୍ୱର୍ଯ୍ୟ ଆଡ଼କୁ ଉନ୍ମୁଖ କରିଦେଇ ପାରିଛନ୍ତି ।

ଶ୍ରୀ ଅରବିନ୍ଦ 'ସତ୍ୟ, ଜ୍ଞାନ ଏବଂ ଆପେକ୍ଷିକ ଧାରଣା' ଶୀର୍ଷକରେ ମନୋଜ ପାଠକ ମାନଙ୍କୁ ବିରଳ ବାର୍ତ୍ତା ପ୍ରଦାନ କରି କହିଛନ୍ତି "ପ୍ରାଣ ଓ ମନର କୋଳାହଳକୁ ଚୁପ୍‌କରି ଜଣେ ନିଜ ଚେତନାର ଅଭ୍ୟନ୍ତରରୁ ଆସୁଥିବା ବାର୍ତ୍ତା ଶୁଣିବାର ଅଭ୍ୟାସ ନ କଲେ ଆତ୍ମାର ନିର୍ଦ୍ଦେଶ ବୁଝିପାରିବ ନାହିଁ ।" (୮) ଏଭଳି ଅଭ୍ୟାସ ଓ ସାଧନା କ'ଣ ସହଜ ବ୍ୟାପାର ? କିନ୍ତୁ ଶ୍ରୀମାଙ୍କ ଅଭୟ ବାଣୀ ହେଉଛି " ତୁମକୁ ଦିବ୍ୟ କରୁଣା କେବେ ପରିତ୍ୟାଗ କରିବ ନାହିଁ ।" (୯) । ଜୀବନରେ ଯେତେ ପ୍ରକାରର ଭୁଲ୍ କରୁଥିଲେ ମଧ୍ୟ ଯଥାର୍ଥ ପଥରେ ଅଗ୍ରସର ହେବାପାଇଁ ସେହି କରୁଣା ଆମକୁ କେବେ ବି ପରିତ୍ୟାଗ କରିବେ ନାହିଁ ଏ ବାଣୀ ପାଠ କଲେ ଚକ୍ଷୁରୁ ଝରିଆସେ କୃତଜ୍ଞତାର ପବିତ୍ର ଲୋତକ ଧାରା । ଏଭଳି ଏକ ଏକ କାରିକାର ସୂକ୍ଷ୍ମ ସନ୍ଦେଶ ବ୍ୟାଖ୍ୟାକରି ମନୋଜ ମଣିଷକୁ ଦିବ୍ୟ କରୁଣାର ନିକଟବର୍ତ୍ତୀ ହେବାପାଇଁ ପ୍ରଦାନ କରିଛନ୍ତି ଆନ୍ତରିକ ପ୍ରେରଣା ।

ମଣିଷ ଭିତରେ ଥିବା ବିନୟବୋଧ ତାକୁ ସବୁବେଳେ ପ୍ରକୃତ ସତ୍ୟ ଆଡ଼କୁ ଅଗ୍ରସର କରାଇ ନିଏ । ଆମର ଜ୍ଞାନ ପରିସର ବାହାରେ ଯେଉଁ ଅସୀମଜଗତ ରହିଛି, ତାହାରି ପ୍ରତି ସମ୍ମାନବୋଧ ରହିପାରିଲେ ଜଣକର ସୂକ୍ଷ୍ମ ଉପଲବ୍ଧିଗୁଡ଼ିକର ଦ୍ୱାର ଖୋଲିଯାଇପାରିବ । ଆତ୍ମାର ସନ୍ଧାନ ପରିଚ୍ଛେଦରେ ଶ୍ରୀମାଙ୍କ ଉକ୍ତି ଉଦ୍ଧାର କରିଛନ୍ତି ଲେଖକ । ଆମ ସ୍ଥୂଳ ଜ୍ଞାନ ବିଜ୍ଞାନ ଦ୍ୱାରା ଆତ୍ମାକୁ ଜାଣିବାର ଆଶାପୋଷଣ କରିବା ବିଡ଼ମ୍ବନା ମାତ୍ର । ଆତ୍ମା ହିଁ ଆତ୍ମାକୁ ଜାଣିପାରେ । ଯେମିତ ଭଗବାନ ହିଁ ଭଗବାନଙ୍କୁ ଜାଣିବା ସମ୍ଭବ । (୧୦)

ଜଣେ ମହାନ୍ ସାଧକଙ୍କ ଜୀବନରେ ଏଭଳି ମୁହୂର୍ତ୍ତ ଉପସ୍ଥିତ ହୁଏ ଯେତେବେଳେ କୁତ୍ସିତ ଓ ଘୃଣ୍ୟ ବିଷୟ ଅର୍ନ୍ତଚକ୍ଷୁ ଉନ୍ମୋଚନ କରିଦିଅନ୍ତି ସେତେବେଳେ ଘୃଣ୍ୟରୁ ଆକର୍ଷଣୀୟତା, ବିକଳାଙ୍ଗର ପୂର୍ଣ୍ଣାଙ୍ଗତା ଓ କଦର୍ଯ୍ୟର ସୌନ୍ଦର୍ଯ୍ୟରେ ଆତ୍ମା ଅଭିଭୂତ ହୁଏ । ଶ୍ରୀଅରବିନ୍ଦ ହେଉଛନ୍ତି ସେହିଭଳି ଶ୍ରେଷ୍ଠସ୍ତରର ଜଣେ ମହାନ୍ ସାଧକ, ଯିଏ ସବୁକିଛି ଭିତରେ ଦେଖି ପାରିଛନ୍ତି ସ୍ୱର୍ଗୀୟ ସୌନ୍ଦର୍ଯ୍ୟ । କାରାଗାରର ପ୍ରାଚୀର, ରୁକ୍ଷ ପ୍ରହରୀ, ବୁଦ୍ଧିଦୀପ୍ତ ଓକିଲ ଓ ବିଚାରପତି ସମସ୍ତଙ୍କ ଭିତରେ ଶ୍ରୀ ଅରବିନ୍ଦ ଦେଖିଛନ୍ତି ସ୍ୱୟଂ ବାସୁଦେବଙ୍କୁ ।

ଖ୍ରୀଷ୍ଟିଆନ୍ ଏବଂ ବୈଷ୍ଣବମାନେ ମଣିଷ ଭିତରେ ଥିବା କ୍ଷମାଗୁଣର ଅଜସ୍ର ପ୍ରଶଂସା କରିଛନ୍ତି । ଏ ପ୍ରସଂଗରେ ଶ୍ରୀ ଅରବିନ୍ଦ କହୁଛନ୍ତି- "ମଣିଷର ହାତ ଦେଇ ଭଗବାନ ମୋତେ ଆଘାତ କଲେ । ମୁଁ କ'ଣ କହିବି, "ହେ ଭଗବାନ୍ ତୁମ ଔଦ୍ଧତ୍ୟ ମୁଁ କ୍ଷମା କଲି ?" (୧୧) ମନୋଜ ଦାସ ଶ୍ରୀଅରବିନ୍ଦଙ୍କ ଏହି ଚେତନା ଉଦ୍ରେକକାରୀ ଭାବନାର ବ୍ୟାଖ୍ୟା କରି କହିଛନ୍ତି "ଶ୍ରୀ ଅରବିନ୍ଦ ନିର୍ଦ୍ଦୋଷଭାବରେ ମୁକ୍ତି ପାଇବା ପରେ ତାଙ୍କୁ ଯଦି କୌଣସି ଧର୍ମ ପ୍ରାଣବ୍ୟକ୍ତି ପରାମର୍ଶ ଦେଇଥାନ୍ତେ ଯେ ଆପଣ ଆପଣଙ୍କୁ ଦଣ୍ଡଦେବା ପାଇଁ ତତ୍ପର ବ୍ୟକ୍ତି ବର୍ଗଙ୍କୁ କ୍ଷମା ଦିଅନ୍ତୁ, ସେ କହିଥାନ୍ତେ କ'ଣ? ସେ କିପରି ବୁଝାଇଥାନ୍ତେ ଯେ ତାଙ୍କୁ ବାସୁଦେବଙ୍କୁ କ୍ଷମା କରିବାକୁ କୁହାଯାଉଛି । (୧୨) ସର୍ବଭୂତରେ ଭଗବାନଙ୍କ ଉପଲବ୍ଧି ପାଇଁ ମାର୍ଗ ଉନ୍ମୋଚନ କରିଦେଇଛନ୍ତି ଶ୍ରୀ ଅରବିନ୍ଦ । ମନୋଜ ଆମକୁ ବୁଝାଇ ଦେଇଛନ୍ତି ଯେ, ଜୀବନରେ ଘଟୁଥିବା ପ୍ରତ୍ୟେକ ଘଟଣା ଆମ ଆଧ୍ୟାତ୍ମିକ ପ୍ରଗତିର ସହାୟକ ହୋଇପାରିବ ।

ଭଗବାନଙ୍କ ଅସୀମ କରୁଣା କି ମହୀୟାନ୍ ତାହା ଶ୍ରୀ ଅରବିନ୍ଦଙ୍କ କାରିକାରୁ ସଚେତନ ସତ୍ତାର ମଣିଷଟିଏ ନିଶ୍ଚୟ ବୁଝିପାରିବ । ଜଣେ ଅପରାଧୀ ଫାଶୀ ପାଇବା ପାଇଁ ଯାଉଥିବାବେଳେ ସାର୍ ଫିଲିପ୍ ସିଡ଼ନୀ କହିଥିଲେ, "ହେଇଟି ଯାଉଥାନ୍ତା ସାର୍ଫିଲିପ୍ ସିଡ୍ନୀ-ଯଦି ସେ ହୋଇଥାନ୍ତା, ଭଗବାନଙ୍କ କରୁଣାରୁ ବଞ୍ଚିତ ।" ଶ୍ରୀ ଅରବିନ୍ଦ କହୁଛନ୍ତି ଫିଲିପ୍ ସିଡନୀ ତାଙ୍କ ଜ୍ଞାନର ଉପଯୁକ୍ତ ପରିଚୟ ଦେଇଥାନ୍ତେ ଯଦି ସେ କହିଥାନ୍ତେ "ହେଇଟି ଯାଉଛି ସାର୍ ଫିଲିପ୍ ସିଡିନୀ-ଭଗବାନଙ୍କ କରୁଣାରୁ ।" (୧୩) ଆମର ଅଜ୍ଞାନତା କାରଣରୁ ସିନା ଆମେ ଭଗବାନଙ୍କ କରୁଣାର ବ୍ୟାପ୍ତିକୁ ବୁଝିପାରୁନା । କିନ୍ତୁ ସମଗ୍ର ସୃଷ୍ଟିରେ ସେ ପରିବ୍ୟାପ୍ତ ଓ ପରିପୂର୍ଣ୍ଣ ହୋଇ ରହିଛନ୍ତି । ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ବାଣୀ ଓ ବ୍ୟାଖ୍ୟାକୁ ଭିତ୍ତିକରି ମନୋଜ

ଯେଉଁ ଆଲୋଚନା ଉପସ୍ଥାପନ କରିଛନ୍ତି ତାହା ସାମାନ୍ୟ ବି ଯାହାର କୃତଜ୍ଞତାବୋଧ ଅଛି ତାକୁ ବିଗଳିତ କରିଦେଇପାରିବ ।

ଶିଶୁ ଭିତରେ ଯେଉଁ ନିଷ୍ପାପ ଭାବବିଦ୍ୟମାନ, ସଜ୍ଞାନ ଚିତ୍ତରେ ବୟସ ବୃଦ୍ଧି ପରେ ପରେ ମଧ ତାକୁ ଜଣେ ବଜାୟ ରଖିପାରେ । ଏଭଳି ସମ୍ଭାବନାର ସୂଚନା ଦିଅନ୍ତି ମନୋଜ "ସମ୍ଭାବନାର ବ୍ୟାପକତା  ପରିଚ୍ଛେଦଟିରେ ।" ଭଗବାନଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ଶ୍ରଦ୍ଧା ଓ ପ୍ରେମ ଗଭୀର ହେଲେ ଜଣେ କ'ଣ ଅନୁଭବ କରେ? ସେ ଅନୁଭବ କରେ ଯେ, ଭଗବାନ ଯଦି ତା' ପାଇଁ ନର୍କରେ ସ୍ଥାନ ନିର୍ଦ୍ଦିଷ୍ଟ କରିବେ ତେବେ ସେ କାହିଁକି ସ୍ୱର୍ଗାଭିଳାଷ ପୋଷଣା କରିବ ! ଶ୍ରୀ ଅରବିନ୍ଦ ମର୍ମେମର୍ମେ ଅନୁଭବ କରିଛନ୍ତି" ମୋର କଲ୍ୟାଣ ପାଇଁ ଯାହା ଲୋଡ଼ା ତାହା ସବୁଠୁଁ ଉତ୍ତମଭାବରେ ତାଙ୍କୁ ହିଁ ଜଣା ।" (୧୪) ବାସ୍ତବରେ ଯେଉଁମାନେ ଭଗବାନଙ୍କୁ ଭଲପାଆନ୍ତି ସେମାନେ ମଣିଷକୁ କିପରି ବା ଭଲ ନପାଇବେ । "ପ୍ରଚ୍ଛନ୍ନ ଭଗବାନ" ପ୍ରସଂଗରେ ମନୋଜ ଏ ସଂପର୍କରେ ସଚେତନସତ୍ତା ଉଦ୍ଦେଶ୍ୟରେ କହିଛନ୍ତି- "ଭଗବାନଙ୍କୁ ଭଲ ପାଇବା ସଂଗେ ସଂଗେ ଆମେ ମଣିଷ ଭିତରେ ଥିବା ଭଗବତ୍ ସତ୍ତାକୁ ଭଲ ପାଇବା ।" (୧୫)

"ଅମୃତର ସନ୍ଧାନରେ" ପରିଚ୍ଛେଦଟିରେ ଶ୍ରୀଅରବିନ୍ଦଙ୍କ ଭାବନାକୁ ହୃଦୟସ୍ପର୍ଶୀ ଭାବରେ ବ୍ୟାଖ୍ୟା କରିଛନ୍ତି ମନୋଜ । ଶ୍ରୀରାମକୃଷ୍ଣ ପରମହଂସ କହିଥିଲେ "ଯେତେମତ ସେତେ ପଥ।" ଶ୍ରୀ ଅରବିନ୍ଦଙ୍କ ଜୀବନ ଓ ସୃଜନରେ ତାହାରି ହିଁ ଅନ୍ତଃସ୍ୱର ନିନାଦିତ ହୋଇ ଉଠିଥିବା ଦର୍ଶାଇଛନ୍ତି ମନୋଜ । ବହୁ ପ୍ରସଂଗରେ ଶ୍ରୀ ମା ମଣିଷକୁ ବୁଝାଇବାର ପ୍ରୟାସ କରିଛନ୍ତି ଯେ ମଣିଷ ପାଇଁ କ'ଣ ଭଲ ତାହା ମଣିଷ ଅପେକ୍ଷା ଭଗବାନଙ୍କୁ ହିଁ ଅଧିକ ଜଣା । ଶ୍ରୀ ଅରବିନ୍ଦଙ୍କ କ୍ଷୁଦ୍ର କ୍ଷୁଦ୍ର ଭାବନା କାରିକାରେ ସେହି ସେହି ଅଭିବ୍ୟକ୍ତିର ତରଙ୍ଗ ଆମକୁ ସ୍ପର୍ଶ କରିଯାଏ ।

ଜୀବନରେ ଯିଏ ଆତ୍ମସମୀକ୍ଷା କରିନାହିଁ ତାର ହୃଦୟର ପ୍ରସାରଣ ସମ୍ଭବ ହୋଇପାରିନାହିଁ । ନିର୍ମମଭାବରେ ନିଜକୁ ପରୀକ୍ଷା କରିବା ପାଇଁ ଏବଂ ଅନ୍ୟମାନଙ୍କ ପ୍ରତି ଉଦାର ଓ ସହୃଦୟ ହେବା ପାଇଁ ଶ୍ରୀ ଅରବିନ୍ଦ ଯେଉଁ ବାଣୀ ଉଚ୍ଚାରଣ କରିଛନ୍ତି ତାହାର ପ୍ରାସଙ୍ଗିକତା ରହିଛି ପ୍ରତିଟି ଯୁଗରେ । ଯାହାରି ଭିତରେ ପ୍ରଜ୍ଞାର ପ୍ରଭା ଆବିର୍ଭୂତ ହୁଏ ସେ ଅନୁଭବ କରେ ଯେ ଜ୍ଞାନବୋଲି କିଛି ନଥାଏ, ସର୍ବତ୍ର ରହିଛି କେବଳ ଅନନ୍ତଙ୍କର କରୁଣା ସ୍ନିଗ୍ଧ ଝଲକ । ଏହାକୁ ଶ୍ରୀଅରବିନ୍ଦ 'ଜ୍ଞାନର ଅନ୍ୟନାମ: ଦିବ୍ୟ ଝଲକ' ପର୍ଯ୍ୟାୟରେ ଉଲ୍ଲେଖ କରିଛନ୍ତି । ମୃତ୍ୟୁକୁ ବିଲୁପ୍ତ କରାଯାଇ ପାରିବ ନାହିଁ, ମାତ୍ର ତାକୁ ମହତ୍ତର ଜୀବନ ଧାରାରେ ରୂପାନ୍ତରିତ କରାଯାଇପାରିବ । "ମୃତ୍ୟୁ: ଜୀବନର ଏକ ଛନ୍ଦ" କାରିକାଟିରେ ଶ୍ରୀ ଅରବିନ୍ଦ ବ୍ୟକ୍ତ କରିଛନ୍ତି "ମୃତ୍ୟୁ ରୂପାନ୍ତରିତ ହୋଇ ଅମରତା ରୂପକ ଜୀବନରେ ହୁଏ ପରିଣତ; ନିଷ୍ଠୁରତା ରୂପାନ୍ତରିତ ହୋଇ ପରିଣତ ହୁଏ ପ୍ରେମରେ, ଯାହା ଅସହ୍ୟ, ଉଲ୍ଲାସ । ଅଜ୍ଞାନ ରୂପାନ୍ତରିତ ହେଲେ ପରିଣତ ହୁଏ ଏମନ୍ତ ଜ୍ୟୋତିରେ ଯାହା ପ୍ରଜ୍ଞାନ ଓ ଜ୍ଞାନର ଊର୍ଦ୍ଧ୍ୱକୁ ହୁଏ ଉତ୍ତୀର୍ଣ୍ଣ ।" (୧୬)

ମନୋଜ ଦାସ ଏଭଳି କାରିକାର ବ୍ୟାଖ୍ୟା ଶେଷରେ ପାଠକମାନଙ୍କ ଉଦ୍ଦେଶ୍ୟରେ କହୁଛନ୍ତି "ପରସ୍ପର ବିରୋଧାଭାଷୀ ଗୁଣମାନ ଉପସ୍ଥାପନ କରି ଶ୍ରୀ ଅରବିନ୍ଦ ଆମ୍ଭମାନଙ୍କୁ ଚେତାଇ ଦେଉଛନ୍ତି କି ଶିବ ଓ ଅଶିବ, ପୁଣ୍ୟ ଓ ପାପ, ଜ୍ଞାନ ଏବଂ ଅଜ୍ଞାନ, ଏସବୁ ପରସ୍ପର ସଂପର୍କିତ । କାହାରି ବିନାଶ ନୁହେଁ, କାହାରି ସହାବସ୍ଥାନ ନୁହେଁ, ମହତ୍ତମ ପର୍ଯ୍ୟାୟକୁ ଉତ୍ତରଣ ହିଁ ଏ ବିଭେଦର ଦିବ୍ୟ ପରିଣତି । (୧୭)

ଶ୍ରୀ ଅରବିନ୍ଦଙ୍କ ଯେଉଁ ସବୁ ଭାବନା କାରିକାକୁ ଅବିକଳ ଉଦ୍ଧାର କରି ତାର ନିଜସ୍ୱ ବ୍ୟାଖ୍ୟା ପ୍ରଦାନ କରିଛନ୍ତି ମନୋଜ ସେଥିରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଅପାର କରୁଣାର ଆଭାସ ପ୍ରତୀକିତ । ଜଣକର ଦୃଶ୍ୟମାନ ରୂପ କେବଳ ଦେଖି ତାର ଉପଯୁକ୍ତ ବିଚାର କରିବା ଆଦୌ ସମ୍ଭବ ନୁହେଁ 'ସନ୍ନ୍ୟାସ ଓ ମୁକ୍ତି ପର୍ଯ୍ୟାୟରେ ତୁମେ ଯେ ଯାଏଁ ଜଣକର ଅନ୍ତରାତ୍ମା ଦେଖି ନପାରୁଛ, ସେ ଯାଏ କେମିତି ଜାଣିବ ସିଏ ମୁକ୍ତ ବା ବଦ୍ଧ?'  'ସନ୍ନ୍ୟାସ ଓ ମୁକ୍ତି' ସଂପର୍କିତ ଅନୁଭବରେ ମନୋଜ ଅନ୍ୟର ଅନ୍ତରାତ୍ମାର ନିକଟବର୍ତ୍ତୀ ହେବାପାଇଁ ଦେଇଛନ୍ତି ଦୁର୍ଲଭ ପ୍ରେରଣା ।

ଆମେ ଯେଉଁମାନେ ଆଧ୍ୟାତ୍ମିକତା ପ୍ରତି ସାମାନ୍ୟ ଆକର୍ଷଣ ଅନୁଭବ କରୁ, ସମସ୍ତେ ଚାହୁଁ ଯେ, କୋଳାହଳ ଭିତରେ ନୁହେଁ ନିର୍ଜନତା ଭିତରେ ହିଁ ଜ୍ଞାନାଲୋକ ଉଦ୍ଭାସିତ ହୋଇପାରେ ଆମ ହୃଦୟ କନ୍ଦରରେ । 'ଦୃଶ୍ୟ ଅଦୃଶ୍ୟ ରହସ୍ୟ' ପରିଚ୍ଛେଦରେ ଶ୍ରୀ ଅରବିନ୍ଦ ଆମର ଭ୍ରାନ୍ତଧାରଣାକୁ ଦୂରକରିଦେବା ପାଇଁ ଶ୍ରୀଅରବିନ୍ଦଙ୍କ ଅମରବାଣୀ ଉଲ୍ଲେଖ କରିଛନ୍ତି ଏହିପରି । 'ନିର୍ଜନତା ପ୍ରତି ଅନୁରାଗ ଆମ ଜ୍ଞାନ ସ୍ପୃହାର ଲକ୍ଷଣ; କିନ୍ତୁ ପ୍ରକୃତ ଜ୍ଞାନ ସେତେବେଳେ ହାସଲ ହୁଏ, ଯେତେବେଳେ ଜନସମାବେଶ ଭିତରେ ଯୁଦ୍ଧକ୍ଷେତ୍ରରେ ଏବଂ ହାଟ ବଜାର ଭିତରେ ବି ନିର୍ଜନତାର ଏକ ଅଟଳ ଅନୁଭବ ସମ୍ଭବପର ହୁଏ ।' (୧୮) (ଏକ ଦୃଶ୍ୟ ଅଦୃଶ୍ୟ ରହସ୍ୟ) ମଣିଷର ସବୁବ୍ୟାଧି ଓ ସ୍ୱାସ୍ଥ୍ୟଗତ ସମସ୍ୟା ନୂତନ ପର୍ଯ୍ୟାୟରେ ଏକ ଏକ ଅନୁଭୂତି ଆଣିଦେବାରେ କ୍ଷମ ହୋଇପାରେ । ମୃତ୍ୟୁର ଅନୁଭବ ଅମରତା ଦିଗରେ ଏକ ଅସୀମଯାତ୍ରା ଏହାର ରହସ୍ୟ ଉଦ୍ଘାଟନ ଅସମ୍ଭବ । ଜଣେ ଯଦି ସପୂର୍ଣ୍ଣରୂପେ ଅହଂବିମୁକ୍ତ ତେବେ ତା'ର ଆତ୍ମା ହିଁ ସତ୍ୟ ଅନ୍ୱେଷଣରେ ସମର୍ଥ ହୋଇପାରେ ।

ଶ୍ରୀ ଅରବିନ୍ଦଙ୍କ ଏକ କାରିକା ଉଦ୍ଧାର କରାଯାଇଛି "ବିବର୍ତ୍ତନର ଭାବୀ ପର୍ଯ୍ୟାୟ" ପରିଚ୍ଛେଦରେ । ଶ୍ରୀ ଅରବିନ୍ଦ ଏଠି କହୁଛନ୍ତି "କ୍ରମବିକାଶ ସମାପ୍ତ ହୋଇନାହିଁ । ହେତୁବୋଧ ହିଁ ଶେଷକଥା ନୁହେଁ କିମ୍ବା ହେତୁବାଦୀ ଜୀବନ ହିଁ ପ୍ରକୃତିର ଚୂଡାନ୍ତ ରୂପାୟନ ନୁହେଁ । ମଣିଷ ଯେମିତି ପଶୁ ଭିତରୁ ବିକଶିତ ହେଲା, ସେମିତି ମଣିଷ ଭିତରେ ବିକଶିତ ହେବ ଅତିମାନବ ।" (୧୯) ବୈଜ୍ଞାନିକମାନେ ବିବର୍ତ୍ତନକୁ ଯେଉଁ ଦୃଷ୍ଟିରୁ ଅବଲୋକନ କରନ୍ତି ତାହାର ଆଧ୍ୟାତ୍ମିକ ବ୍ୟାଖ୍ୟା ନିଶ୍ଚିତ ଭାବରେ ଭିନ୍ନ । ତେବେ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଉଭୟ ଦୃଷ୍ଟିରୁ ଗୋଟିଏ କଥା କୁହାଯାଇଛି ଯେ, ଏହି ପୃଥିବୀରେ ଚେତନାର କୌଣସି ସ୍ଥୂଳ ସୂଚନା ପ୍ରଥମେ ନଥିଲା । ସବୁ ଥିଲା ନିର୍ଜୀବ ଓ ଜଡ଼ । ଗୁଳ୍ମ ଲତାଙ୍କ ଆବିର୍ଭାବ ପ୍ରାଣର ପ୍ରମାଣ ଦେଲା, ସେହିପରି କୀଟପତଙ୍ଗ, ପଶୁପକ୍ଷୀ ପ୍ରାଣଶକ୍ତିର ଅସୀମ ଲୀଳା ପ୍ରକଟ କଲେ । ପରବର୍ତ୍ତୀ ସମୟରେ ଆବିର୍ଭୂତ ହେଲେ ମଣିଷ ସେହି ପର୍ଯ୍ୟାୟରେ ପଶୁ ଓ ମଣିଷ ଭିତରେ ବିଶେଷ ପାର୍ଥକ୍ୟ ନଥିଲା । କାଳକ୍ରମେ ମଣିଷ ନିଜର ସ୍ୱତନ୍ତ୍ରତାର ପରିଚୟ ଦେଲା । ସେ ଯେଉଁ ନୂତନ ଶକ୍ତିର ଅଧିକାରୀ ହେଲା ତାହା ହେଲା ତାର ମନ । ମଣିଷ ମନରେ ସୃଷ୍ଟି ହୋଇଥିଲା ଅନେକ ଜିଜ୍ଞାସା । ଏ ସବୁ ଜିଜ୍ଞାସାର ଉତ୍ତର ମିଳିବା ଅସମ୍ଭବ ନୁହେଁ । ଶ୍ରୀ ଅରବିନ୍ଦଙ୍କ ଉକ୍ତିକୁ ଭିତ୍ତିକରି ମନୋଜ କହିଛନ୍ତି - "ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଆମେ ସମସ୍ତେ ଆମର ସମସ୍ତ କାର୍ଯ୍ୟକଳାପ ମାଧ୍ୟମରେ ପୂର୍ଣ୍ଣତାର ସନ୍ତୋଷ ଚାହୁଁ । ବିବର୍ତ୍ତନୀ ଶକ୍ତି ମଧ୍ୟରେ ସେହି ପୂର୍ଣ୍ଣତାର ପ୍ରତିଶ୍ରୁତି ରହିଛି ବୋଲି ଆମ ଭିତରେ ସେ ଦିଗରେ ଆଶା ଓ ଅଭୀପ୍ସା ସଂଜୀବିତ ରହିଥାଏ । ମନ ଆମକୁ ସେଭଳି ପୂର୍ଣ୍ଣତାର ଉପଲବ୍ଧି ଦେଇପାରେନା । କିନ୍ତୁ ମନ ହିଁ ବିବର୍ତ୍ତନର ଶେଷ ପର୍ଯ୍ୟାୟ ନୁହେଁ । ମନଠୁ ଗୁଣାତ୍ମକ ଭାବରେବହୁ ବହୁ ଗୁଣ ଶକ୍ତିଶାଳୀ ଏକ

ଚେତନାର ବିକାଶ ଘଟିବ ଏବଂ ଆଜିର ଜ୍ଞାନ ମଣିଷ ଭିତରେ ସେ ଚେତନା ପ୍ରକୃତ ଜ୍ଞାନର ସଞ୍ଚାର କରିବ ।

ସେତେବେଳେ ମଣିଷ ପ୍ରକୃତି, ପ୍ରବୃତ୍ତି ଏବଂ ଜୀବନର ଆଭିମୁଖ୍ୟ ସଂପୂର୍ଣ୍ଣ ଭାବରେ ବଦଳିଯିବ । ମାନସ ଚାଳିତ ମଣିଷ ଅତିମାନସଚାଳିତ ମଣିଷରେ ବା ଅତି ମାନବରେ ରୂପାନ୍ତରିତ ହେବ; ଯୁଗଯୁଗ ଧରି ଅବ୍ୟାହତ ଅପୂର୍ଣ୍ଣତାର ଅନୁଭୂତି ସେତେବେଳେ ପରିପୂର୍ଣ୍ଣତାରେ ପରିଣତ ହେବ ।” (୨୦)

ମଣିଷ ଏ ପୃଥିବୀରେ ଜୀବନ ଅତିବାହିତ କଲାବେଳେ ଅଜ୍ଞାନର ବନ୍ଧନରେ ବାନ୍ଧି ହୋଇଥାଏ । ତଥାପି ମଣିଷ ଆତ୍ମାରେ ଅବସ୍ଥିତ ଭଗବତ୍ ସତ୍ତା ତାକୁ ଆଲୋକ ଆଡ଼କୁ ଅଗ୍ରସର କରାଇ ନେଉଛନ୍ତି । ମାନବାତ୍ମର ଲକ୍ଷ୍ୟସ୍ଥିର ତଥାପି ସେଠାରେ ବୃତ୍ତାକାରରେ ବୁଲି ବୁଲି ପଥ-ବିପଥ ମଧ୍ୟଦେଇ ପହଞ୍ଚିବାକୁ ଯେ ହୁଏ, ତାର ଇଂଗିତ ଦେଇଛନ୍ତି ଶ୍ରୀଅରବିନ୍ଦ । ଏକ ଚମତ୍କାର କାହାଣୀ ପରିବେଷଣ କରି ମନୋଜ ପ୍ରତିପାଦନ କରିଛନ୍ତି ଯେ ସବୁ ପ୍ରକାର ଅଭିଜ୍ଞତା ମଧ୍ୟରୁ ପ୍ରଗତିର ପ୍ରେରଣା ସଂଗ୍ରହ କରି ମଣିଷ ତାର ଯାତ୍ରାକୁ ଜାରି ରଖିଛି ଅବ୍ୟାହତ । ନିଜ ଭିତରେ ଥିବା ସେହି ଭଗବାନ ହିଁ ଆମକୁ ସତ୍ୟ ନିକଟରେ ପହଞ୍ଚାଇ ଦେବେ । ସମଗ୍ର ଜୀବନକୁ ଏକ ଯୋଗ ବୋଲି ଅନୁଭବ କରି ପାରିଲେ ଆମେ ଯେତେ ବେଳେ ଯେଉଁଠି ଥିଲେ ମଧ୍ୟ ଆମର ଅର୍ନ୍ତଶକ୍ତି ସହିତ ସଂପର୍କ ସ୍ଥାପନ କରିପାରିବା ସମ୍ଭବ ହେବ ଯଦି- ଆମ ଭିତରେ ପ୍ରକୃତ ଆନ୍ତରିକତା ରହିଥାଏ ।

‘ପ୍ରଜ୍ଞା-ପ୍ରଦୀପିକା’ ପୁସ୍ତକଟି ମନୋଜଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର, ମହନୀୟ ସୃଷ୍ଟି । ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଚେତନା ସହିତ ସଂଯୁକ୍ତ ହୋଇଯିବା ପାଇଁ ଏହା ଯେଉଁ ଦୁର୍ଲ୍ଲଭ ପ୍ରେରଣା ପ୍ରଦାନ କରେ ତାହା ବାସ୍ତବରେ ଅକଳନୀୟ । ମଣିଷ ଭିତରେ ଆଶା ଓ ବିଶ୍ୱାସ ଭରିଦେବା ପାଇଁ, ତାର ଅନ୍ତଶ୍ଚକ୍ଷୁକୁ ଉନ୍ମୋଚିତ କରିଦେବା ପାଇଁ, ଭଗବାନଙ୍କ ସହିତ ସଂଯୋଗିତ ହେବାପାଇଁ ପୁସ୍ତକଟି ପାଠକ ଭିତରେ ସୃଷ୍ଟି କରିପାରେ ଏଭଳି ଏକ ଏକ ଭାବତରଙ୍ଗ ଯାହା ତାକୁ ନୀରବ, ନିଶ୍ଚଳ ଓ ଅର୍ନ୍ତମୁଖୀ କରି ଦେଇପାରିବ । ଏ ପୁସ୍ତକର କେଉଁ ବାକ୍ୟଟି ବା ପ୍ରେରଣାଦାୟକ ନୁହେଁ ! ଯେଉଁମାନେ ଚେତନାରେ କିଞ୍ଚିତ ମଧ୍ୟ ଅଗ୍ରଗତି କରିଛନ୍ତି ସେମାନେ ଏଥିରୁ ଲାଭ କରିପାରିବେ ଧ୍ୟାନ ମଗ୍ନ ହେବାର ଆଲୋକ କଣିକା । ଯାହା ଜୀବନକୁ ଭାବମୟ, ପ୍ରେମମୟ ଓ ଅର୍ଥମୟ କରିଦେଇପାରେ ।

ମନୋଜଙ୍କ “ଶ୍ରୀ ପାଦଚିହ୍ନ ସଂଧାନରେ” ଓ “ଅଜଣାର ଅନ୍ୱେଷଣେ” ଦୁଇଟି ଗ୍ରନ୍ଥକୁ ମଧ୍ୟ ଆଧ୍ୟାତ୍ମିକ ସାହିତ୍ୟ ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇପାରିବ । ଦ୍ୱାରକା ଯିବା ଅବସରରେ ଗୀରନାର ବା ପୁରାଣ ବର୍ଣ୍ଣିତ ରୈବତକ ପର୍ବତମାଳା ସଂପର୍କରେ ଲେଖକଙ୍କ ଉପଲବ୍ଧି ଅତ୍ୟନ୍ତ ସୂକ୍ଷ୍ମ । ଲେଖକ ସେ ଦୃଶ୍ୟ ଦେଖି କହୁଛନ୍ତି “ସବୁଠୁ ସୃଦୃଶ୍ୟ ଏବଂ ସୁ ଆକୃତି ଦତ୍ତାତ୍ରେୟ ଶିଖର ଉପରେ ମନ୍ଥର-ଗତି ମୃଦୁ-ନୀଳ ମେଘମାଳା ସହ ନମ୍ର ସୂର୍ଯ୍ୟକିରଣର ମୈତ୍ରୀ ।” (୨୧) । ପୁରାଣର ଅନେକ ଦୃଶ୍ୟର ପରିକଳ୍ପନା କରିଛନ୍ତି ମନୋଜ ଏଠାରେ । ଦତ୍ତାତ୍ରେୟ ଶିଖରର ପାଦଦେଶକୁ ଲେଖକ ଯାଇଥିଲେ ଶୁଣିଥିଲେ ତାର ଆହ୍ୱାନର ସ୍ପନ୍ଦନ । ସେଦିନର ଅନୁଭୂତି ବର୍ଣ୍ଣନା କରି ଲେଖକ କହୁଛନ୍ତି “ଶୁଣାଯାଏ ଅଦ୍ୟାବଧି ସୂକ୍ଷ୍ମଭାବେ ଦତ୍ତାତ୍ରେୟ ତହିଁ ବିରାଜିତ । ମହାରାଷ୍ଟ୍ରୀୟ ଯୋଗୀ ଲେଲେ ଶ୍ରୀ ଅରବିନ୍ଦଙ୍କୁ କହିଥିଲେ ଏହିଠାରେ ତାଙ୍କର ଥରେ ଦତ୍ତାତ୍ରୟଙ୍କ ସହ ଭେଟ ହେଇଥିଲା । ବାଳିକାଟି ରୂପରେ ଲେଲେଙ୍କ ଆଗରେ ଆର୍ବିଭୂତ ହୋଇଥିଲେ ସେ ମହାନ୍ ଆତ୍ମା । କଣ ଏହି ସବୁ ବ୍ୟକ୍ତିତ୍ୱର ରହସ୍ୟ? ସେମାନେ ବାସ୍ତବରେ ସ୍ଥୂଳ ଦେହଧାରୀ - ନା ମହାଚେତନାର ଏକ ଏକ ବିଚିତ୍ର ପରିପ୍ରକାଶ? (୨୨)

ଏକାଗ୍ରତା ଓ ଧ୍ୟାନ ଲେଖକଙ୍କ ସତ୍ତାରେ କିପରି ସୂକ୍ଷ୍ମଭାବରେ ଅବସ୍ଥିତ ତାହା ତାଙ୍କର କେତୋଟି ବାକ୍ୟ ଉଦ୍ଧାର କଲେ ଉପଲବ୍ଧି କରାଯାଇପାରିବ । ‘ଏକାଗ୍ର ହେବା ସହଜ ନୁହେଁ ଆଖି ବୁଜି ବସିଲେ ଜଣେ ରାଜନବର ଭିତରେ ନା ଦୁଃଖିନୀ ଗୋବର ଗୋଟେଇର କୁଡ଼ିଆ ଭିତରେ ଉପବିଷ୍ଟ ତହିଁରେ ପାର୍ଥକ୍ୟ ନାହିଁ । ସେମିତି, କୌଣସି ମତେ ଶ୍ରବଣଦ୍ୱୟକୁ ନିଥର କରିପାରିଲେ ଚତୁର୍ଦ୍ଦିଗର କୋଳାହଳ ମଧ୍ୟ ନିସ୍ତେଜ ମନେ ହେବ । କିନ୍ତୁ, କୌଣସି ଏକ ବସ୍ତୁ, ଭାବନା, ମନ୍ତ୍ର ବା ପ୍ରତୀକ ଉପରେ ପୂର୍ଣ୍ଣାଙ୍ଗ ଏକାଗ୍ର ହୋଇପାରିବା- ଯେଉଁ ଏକାଗ୍ରତାର ଚୂଡ଼ାନ୍ତ ପର୍ଯ୍ୟାୟରେ ଧ୍ୟାନ ଓ ଧ୍ୟେୟ ଭିତରେ ପାର୍ଥକ୍ୟକ୍ରମେ କ୍ଷୀଣରୁ କ୍ଷୀଣତର ହୋଇ ନିଶ୍ଚିହ୍ନ ହୋଇଯାଏ, ଯେଉଁ ଅବସ୍ଥାର ପ୍ରଭାବରେ ସ୍ଥୂଳ କଳେବର ମଧ୍ୟ ଓଜଃରେ ପରିଣତ ହୋଇ ଧ୍ୟେୟ ସହ ଏକାକାର ହେବା ସଂଭବ- ଯାହା ମୀରାବାଈଙ୍କ କ୍ଷେତ୍ରରେ ଏହିଠାରେ ସଂଭବ ହୋଇଥିଲା ବୋଲି କିମ୍ବଦନ୍ତୀ କହେ । ସେଭଳି ଏକାଗ୍ରତାର ଧାରଣା ମାତ୍ର ହିଁ ଏ ଲେଖକ-ଗ୍ରୋତୀୟ ସଂଧାନୀମାନଙ୍କ ପକ୍ଷରେ ସଂଭବ, ତାହାଠୁ ଅଧିକ ନୁହେଁ ତଥାପି ଆଖି ବୁଜି ଶ୍ରୀକୃଷ୍ଣଙ୍କର ଦ୍ୱାରକାର ପୌରାଣିକ ମାନଚିତ୍ର ଦେଖୁଥିଲେ ଲେଖକ! (୨୩)

ଶ୍ରୀକୃଷ୍ଣ ଚରିତ ଅତୁଳନୀୟ । ସେ ଶିଶୁ, ଚପଳ, ବାଳକ, ବନ୍ଧୁବତ୍ସଳ କିଶୋର, ଦିଗ୍ଦର୍ଶକ ଗୁରୁ, ମହାସଂଗ୍ରାମର ମହାନାୟକ ପୁଣି ଶାନ୍ତିପ୍ରିୟ ନରପତି କିନ୍ତୁ ଏହାରି ମଧ୍ୟରେ ତାଙ୍କର କେଉଁ ଅନ୍ତଃସତ୍ତା ଚିରନ୍ତନୀ, ଯାହା ସହିତ ଘନିଷ୍ଠ ହେବା ପରେ ତାହା କେବଳ ବୃଦ୍ଧି ପ୍ରାପ୍ତ ହେଉଥାଏ ନିରନ୍ତର । ବାଲ୍ୟକାଳରେ ନିଃସନ୍ତାନ ବଡ଼ବାବା ଓ ବଡ଼ ମାଆଙ୍କ ପରିଚ୍ଛନ୍ନ ମାଟିଘର ଏକ ତୋଟା ଭିତରେ ଅବତରଣ କରୁଥିଲା ଭିନ୍ନ ଜଗତର ସୌନ୍ଦର୍ଯ୍ୟ । ସେଠି ଥାଏ କୁନି ମନ୍ଦିରଟିଏ, ବିପଦ ଆପଦରେ ସହାୟ ହେବାପାଇଁ ପ୍ରଭୁ ଶ୍ରୀକୃଷ୍ଣଙ୍କର ମୂର୍ତ୍ତିଟିଏ ସଂସ୍ଥାପିତ ହୋଇଥିଲା ତହିଁରେ । ମନୋଜଙ୍କ ସ୍ୱତଃସ୍ଫୂର୍ତ୍ତ ବିଶ୍ୱାସ ସେ ମୂର୍ତ୍ତି ଅକଳନୀୟ ମାତ୍ରାରେ ଜୀବନ୍ତ । ଆଉ ଏ ବିଶ୍ୱାସ ପୂର୍ବ ନିର୍ଦ୍ଧାରିତ ବୋଲି ମଧ୍ୟ ତାଙ୍କର ଅଟଳ ଆତ୍ମବିଶ୍ୱାସ ।

କେତେ ଘଟଣା ଜୀବନରେ ଆସିଛି ପରବର୍ତ୍ତୀ ସମୟରେ ତାହା ଅର୍ନ୍ତହିତ ହୋଇଯାଇଛି । ମନେ ପଡ଼ିଛି ଲେଖକଙ୍କର ଅତୀତର କଥା ଯେତେବେଳେ ଆତତାୟୀମାନେ ତାଙ୍କ ଗୃହଭିତରକୁ ପ୍ରବେଶ କରିଛନ୍ତି ସେତେବେଳେ ତାଙ୍କର ମାଆ ଦେଖିଥିଲେ ଏକ ବିଚିତ୍ର ଅକଳ୍ପନୀୟ ଦୃଶ୍ୟ । କବାଟକୁ ଆବୃତ୍ତ କରିଛି ଏକ ସ୍ୱର୍ଣ୍ଣାଭ ସ୍ୱଚ୍ଛ ନୀଳ ଜ୍ୟୋତି-ଶ୍ରୀକୃଷ୍ଣଙ୍କର ଆଭା । ଅନେକ ମଣିଷଙ୍କ ସ୍ନେହ ଓ ସୌହାର୍ଦ୍ଦ୍ୟ ଲାଭ କରିଛନ୍ତି ଲେଖକ । କିନ୍ତୁ ସବୁ ସୌହାର୍ଦ୍ଦ୍ୟର ଉତ୍ସ ଚିରନ୍ତନ ଅମୃତମୟ ଶ୍ରୀକୃଷ୍ଣ ବୋଲି ଉପଲବ୍ଧି କରିଛନ୍ତି । “ସର୍ବସଂହା” ଶିରୋନାମାରେ ମୀରାଙ୍କ ସ୍ମୃତି ତାଙ୍କୁ କିପରି ଆଲୋଡ଼ିତ କରିଛି ତାହା ବର୍ଣ୍ଣିତ । ଶ୍ରୀକୃଷ୍ଣ ହେଉଛନ୍ତି ସର୍ବସଂହା । ତାଙ୍କ ସଂପର୍କରେ ଯିଏ ଯାହା ଲେଖିଛନ୍ତି ସବୁକୁ ସେ ସହ୍ୟ କରିଛନ୍ତି । ସେ ଅସୀମତାର ପ୍ରତୀକ, ଆକାଶତଳ ଦେଇ ମେଘମାଳା ଭାସିଯାଏ । ସେଥିରେ ଆକାଶର ନୀଳାଭ ରଂଗରେ କୌଣସି ଆଞ୍ଚ ଆସେ ନାହିଁ ।

“ଯାଦୃଶୀ ଭାବନା ଯଶ୍ୟ” ପରିଚ୍ଛେଦରେ ଆରମ୍ଭ କରୁଛନ୍ତି କିପରି ନିଜର ବକ୍ତବ୍ୟ ପାଠକମାନେ ତାହା ନିରୀକ୍ଷଣ କରିବା କଥା ।

“ଶ୍ରୀ ରାମକୃଷ୍ଣ ପରମହଂସ ଥରେ ଦେବୀ କାଳୀଙ୍କର ବର୍ଣ୍ଣର ତାତ୍ପର୍ଯ୍ୟ ବୁଝାଇଥିଲେ ଏହି ଭାବରେ, ବହୁଦୂରରୁ ଗୋଟାଏ ଜଳାଶୟ ନୀଳ ବା କଳା ଦେଖାଯାଇପରେ; କିନ୍ତୁ ଯେତେବେଳେ ଆମେ ତାର ସନ୍ନିକଟକୁ ଆସିବା,

ତାହା ଦେଖାଯିବ ସ୍ୱଚ୍ଛ । ସେମିତି ଦେବୀଙ୍କ ବର୍ଣ୍ଣ ଦୂରରୁ ଯାହା ଭଳି ମନେହୁଏ, ତାହା ସହ ଆମର ସାନ୍ନିଧ ସଂଭବ ହେବାପରେ ସେ ଧାରଣା ଦୂରୀଭୂତ ହୁଏ । ଶ୍ରୀକୃଷ୍ଣଙ୍କୁ କେନ୍ଦ୍ରକରି ଯେଉଁ କାହାଣୀ ସବୁ ରହିଛି ତାହା ପାଠକର ଚେତନାରେ ଆଣେ ଏକ ମହନୀୟ ସ୍ପନ୍ଦନ । ଭକ୍ତ ଓ ଭଗବାନଙ୍କ ଭିତରେ ଭାବ ଓ ଆଦାନ ପ୍ରଦାନ କେତେ ସୂକ୍ଷ୍ମ ରୀତିରେ ଅବ୍ୟାହତ ରହିଥାଏ ତାହା ତୃତୀୟ ବ୍ୟକ୍ତି ଜାଣିବା ଅସଂଭବ । ଏହି ସୂଚନା ଦେଇଛନ୍ତି ମନୋଜ ଏହି ପରିଚ୍ଛେଦଟିରେ ।(୨୪) ସମଗ୍ର ପୁସ୍ତକଟି ଧ୍ୟାନପୂର୍ବକ ଜଣେ ପାଠକଲେ ନିଶ୍ଚିତ ଭାବରେ ଯେ ତା ଭିତରେ ଆଧ୍ୟାତ୍ମିକତାର ବଂଶୀସ୍ୱନ ଶ୍ରୁତ ହେବ ଏଥିରେ ସନ୍ଦେହ ନାହିଁ । ଗ୍ରନ୍ଥଟିର ଶେଷ ପାରାଗ୍ରାଫ୍‌ରେ ଲେଖକ କହୁଛନ୍ତି "ସମଗ୍ର ଜୀବନ କୁ ଯୋଗ ଭାବରେ ଗ୍ରହଣ କରିବା ଦିଗରେ ଶ୍ରୀଅରବିନ୍ଦ-ପ୍ରବର୍ତ୍ତିତ ଆଭିମୁଖ୍ୟର ଭୂମିକା ପ୍ରସ୍ତୁତ ହୋଇଥିଲା ଗୀତା ମାଧ୍ୟମରେ । କୁରୁକ୍ଷେତ୍ରରେ ସଂଭବ ହୋଇଥିଲା ଯେଉଁ ଶ୍ରୀକୃଷ୍ଣ-ଅର୍ଜୁନ ସଂଳାପ, ତାହାରି ଭିତରେ ନିହିତ ମାନବତାର ମୁକ୍ତି ଦର୍ଶନ । ଯେତେବେଳେ ମଣିଷ ନିଜ ଅହଂ କବଳରୁ ଖସି ଆସି, ବିଭିନ୍ନ ଆଦର୍ଶର ପରସ୍ପର ସଂଘାତର ଉର୍ଦ୍ଧ୍ୱକୁ ଯାଇ କେବଳ ମାତ୍ର ଭଗବତ ପ୍ରେରଣା ଦ୍ୱାରା ପରିଚାଳିତ ହେବାକୁ ସକ୍ଷମ ହେବ, ସେତେବେଳେ ହିଁ ସେ ଅନୁଭବ କରିବ ଯଥାର୍ଥ ମୁକ୍ତିର ପୁଲକ ।"(୨୪) 'ଅଜଣାର ଅନ୍ୱେଷଣେ' ପୁସ୍ତକର ବିଭିନ୍ନ ଅଂଶ ଯେତେବେଳେ 'ସାହିତ୍ୟ ପୃଥିବୀ'ରେ ଧାରାବାହିକ ଭାବେ ପ୍ରକାଶିତ ହେଉଥିଲା ସେତେବେଳେ ତାର ପରିଚୟ ଥିଲା 'ଭ୍ରମଣ ଓ ଭାବନାର ନୈପଥ୍ୟ ପ୍ରତିବେଦନ' ମାତ୍ର ଏ ଗ୍ରନ୍ଥଟି ଯେତେବେଳେ ପ୍ରକାଶିତ ହେଲା ସେଥିରେ ବୁଦ୍ଧଦେବଙ୍କୁ କେନ୍ଦ୍ରକରି ଲେଖକଙ୍କ ନିଜସ୍ୱ ଜିଜ୍ଞାସା, ଭାବନା ଏବଂ ସନ୍ଧାନ ଯେପରି ଭାବରେ ରୂପାୟିତ ହୋଇଛି ତାହାକୁ ଆଧ୍ୟାତ୍ମିକ ଆଲୋକରେ ଉଦ୍ଭାସିତ ଏକ ଉଚ୍ଚକୋଟୀର ସୃଷ୍ଟି ଭାବରେ ଆମେ ଗ୍ରହଣ କରିପାରିବା । କାରାଗୃହରେ ଅବସ୍ଥାନ ବେଳେ ବହୁ ଗୋଧୂଳି ସମୟରେ ଯେଉଁ ରାସ୍ତାରେ ଏକାକୀ ଚଲାବୁଲା କରୁଥିଲେ ସେ ପଥରେ ପାଦ ଦେଇଛନ୍ତି ଲେଖକ । ସେ ସମୟର ଅନୁଭୂତି ବର୍ଣ୍ଣନା କରି ସେ ଲେଖୁଛନ୍ତି "ସେ ଚଳମାନ ଅବସ୍ଥାରେ ବି ସେ (ବୁଦ୍ଧ) ରହୁଥିଲେ ଧ୍ୟାନମଗ୍ନ । ଅର୍ଥାତ୍ ସ୍ଥୂଳ କ୍ଷେତ୍ରରେ ଯଥାବିଧି ଆଚରଣ ଏବଂ ନିଜ ଅଭ୍ୟନ୍ତରରେ ଶାନ୍ତ ସମାହିତ ଭାବ-ଏ ଦୁଇର ସମନ୍ୱୟ ତାଙ୍କ ପକ୍ଷରେ ହେଉଥିଲା ସଂଭବପର ।" (୨୬)

ନିଷ୍ଠୁର ଅଙ୍ଗୁଳିମାଳା ଯେ ନିର୍ମମ ଭାବରେ ହତ୍ୟାକରେ ମଣିଷକୁ, ତାହାରି ଭିତରେ ବି ବୁଦ୍ଧ ଦେଖିଛନ୍ତି ଆଲୋକ ଆଉ କହିଛନ୍ତି 'ମାରିଦେଇ ତୁମେ ମଣିଷକୁ ଭଲ କରିଦେବ? ବୁଝିଛି ତମ ଜୀବନରେ ଏଭଳି କୌଣସି ଦୁଃଖଦାୟକ ଅଭିଜ୍ଞତା ହୋଇଛି ଯାହା ଯୋଗୁଁ ତୁମେ ବନିଛ ହିଂସ୍ର । କିନ୍ତୁ, ତୁମେ ମଣିଷର କେବଳ ଅନ୍ଧକାର ଦିଗଟି ଦେଖୁଛ । ତା ଭିତରେ ଥିବା ଆଲୋକ ଦେଖୁନାହିଁ । ମୁଁ ଦେଖୁଛି । ତମ ଭିତରେ ବି ଦେଖୁଛି ।' (୨୭) ବୁଦ୍ଧଙ୍କ ଏ ବାଣୀ ଶୁଣି ଦୁର୍ଦ୍ଦାନ୍ତ ହତ୍ୟାକାରୀ ସେହି ମୁହୂର୍ତ୍ତରେ ତରବାରୀ ତ୍ୟାଗ କରିଦେଇଥିଲା, ହୋଇଥିଲା ମୁଣ୍ଡିତ ମସ୍ତକ ।

ଏ ପୁସ୍ତକଟିରେ ବିଭିନ୍ନ ଅଧ୍ୟାୟକୁ ଅଧ୍ୟୟନ କଲେ ଆଧ୍ୟାତ୍ମିକ ଉପଲବ୍ଧି ପ୍ରସାରିତ ହୋଇଯାଇପାରେ ପାଠକ ଭିତରେ । ପ୍ରସଂଗକ୍ରମେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଚେତନାର ରୂପାନ୍ତର କଥା ସେ ଉଲ୍ଲେଖ କରିଛନ୍ତି । ଜଣେ ଜ୍ଞାନୀ ହୋଇପାରେ କିନ୍ତୁ ଅହଂ ରୂପକ ଅଗ୍ନି ସଂଯୋଗରେ ସେହି ଜ୍ଞାନ ନିହିତ ସାରତତ୍ତ୍ୱ ଧ୍ୱଂସ ହୋଇଯାଇପାରେ ଏ ପ୍ରକାର ସୂଚନା ଦେଇଛନ୍ତି ମନୋଜ । ବୁଦ୍ଧଙ୍କ ଶିଷ୍ୟ ଆନନ୍ଦଙ୍କର ଚମତ୍କାର ପ୍ରଦର୍ଶନ ସଂପର୍କରେ ଆଲୋକପାତ କରି ଯେଉଁ ସନ୍ଦେଶ ପ୍ରଦାନ କରିଛନ୍ତି ଲେଖକ "ଆନନ୍ଦଙ୍କ ଚମତ୍କାର" ଅଧ୍ୟାୟରେ ତାହା କେବଳ ଆନନ୍ଦଙ୍କ ଆଖିରୁ ନୁହେଁ ପାଠକ ଆଖିରୁ କୃତଜ୍ଞତାର ଅଶ୍ରୁ ଝରାଇ ଦେଇପାରେ । ଅନ୍ଧକାର ଚେତନାକୁ ପଛରେ ପକାଇ ଆଲୋକ ଦିଗରେ ଅଗ୍ରସର ହେବାପାଇଁ ଏ ପୁସ୍ତକଟି ନିଶ୍ଚିତ ଭାବରେ ପ୍ରେରଣାର ଏକ ସ୍ନିଗ୍ଧ ଉଚ୍ଚାରଣ ।

ମନୋଜ ଦାସଙ୍କ ସମଗ୍ର କୃତିକୁ ଅଧ୍ୟୟନ କଲେ ସର୍ବତ୍ର ଆଧ୍ୟାତ୍ମିକତାର ଆଲୋକ କିପରି ବିଚ୍ଛୁରିତ ତାହା ହୃଦୟଙ୍ଗମ କରିହୁଏ । ତେବେ 'ପ୍ରଜ୍ଞା ପ୍ରଦୀପିକା', 'ଅଜଣାର ଅନ୍ୱେଷଣେ', 'ଶ୍ରୀ ପାଦଚିହ୍ନ ସଂଧାନରେ' ପୁସ୍ତକ ଗୁଡ଼ିକ ଆଲୋକ ଅଭିମୁଖୀ ହେବା ପାଇଁ ଯେଉଁ ପ୍ରତ୍ୟକ୍ଷ ପ୍ରେରଣା ପ୍ରଦାନ କରିଥାଏ ତାକୁ ବା କିପରି ବର୍ଣ୍ଣନା କରାଯାଇପାରିବ!!

**ସଂକେତସୂଚୀ:**


୧- ଦାସ ମନୋଜ, ଶ୍ରୀ ଅରବିନ୍ଦଙ୍କ ଭାବନା କାରିକା: ଏକ ଦୃଷ୍ଟିପାତ, ପ୍ରଜ୍ଞା ପ୍ରଦୀପିକା, ୧ମ ସଂସ୍କରଣ, ଗ୍ରନ୍ଥ ମନ୍ଦିର, କଟକ- ୦୨, ୨୦୧୨ । ପୃଷ୍ଠା- ୧ ।

୨- ଦାସ ମନୋଜ, ଜ୍ଞାନ ଓ ଜ୍ଞାନୀ, ତତ୍ରୈବ, ପୃଷ୍ଠା- ୩ ।

୩- ଦାସ ମନୋଜ, ଜ୍ଞାନ ଓ ଜ୍ଞାନୀ, ତତ୍ରୈବ, ପୃଷ୍ଠା- ୩ ।

୪- ଦାସ ମନୋଜ, ବାକ୍ର ଦିବ୍ୟ ଉତ୍ସ , ତତ୍ରୈବ, ପୃଷ୍ଠା- ୧୦

୫- ଦାସ ମନୋଜ, ବାକ୍ର ଦିବ୍ୟ ଉତ୍ସ, ତତ୍ରୈବ, ପୃଷ୍ଠା- ୧୧

୬- ଦାସ ମନୋଜ, ବାକ୍ର ଦିବ୍ୟ ଉତ୍ସ, ତତ୍ରୈବ, ପୃଷ୍ଠା-୧୦

୭- ଦାସ ମନୋଜ, ଅନାଗତ ଐଶ୍ୱର୍ଯ୍ୟର ଅକଳ୍ପନୀୟ ରୂପ, ପୃଷ୍ଠା- ୧୬ ।

୮- ଦାସ ମନୋଜ, ସତ୍ୟଜ୍ଞାନ ଏବଂ ଆପେକ୍ଷିକ ଧାରଣା, ତତ୍ରୈବ, ପୃଷ୍ଠା- ୩୦ ।

୯- ଦାସ ମନୋଜ, ସତ୍ୟଜ୍ଞାନ ଏବଂ ଆପେକ୍ଷିକ ଧାରଣା, ତତ୍ରୈବ, ପୃଷ୍ଠା- ୩୦ ।

୧୦- ଦାସ ମନୋଜ, ଆତ୍ମାର ସନ୍ଧାନ, ତତ୍ରୈବ, ପୃଷ୍ଠା- ୩୨

୧୧- ଦାସ ମନୋଜ, କ୍ଷମା କରିବି କାହାକୁ, ତତ୍ରୈବ, ପୃଷ୍ଠା- ୫୨ ।

୧୨- ଦାସ ମନୋଜ, କ୍ଷମା କରିବି କାହାକୁ, ତତ୍ରୈବ, ପୃଷ୍ଠା- ୫୩ ।

୧୩- ଦାସ ମନୋଜ, କରୁଣାର ପ୍ରଚ୍ଛନ୍ନ ଦିଗ, ତତ୍ରୈବ, ପୃଷ୍ଠା-୫୯ ।

୧୪- ଦାସ ମନୋଜ, ସ୍ୱର୍ଗ ଓ ନର୍କ: ଚେତନାର ଦୁଇଟି ସ୍ଥିତି, ତତ୍ରୈବ, ପୃଷ୍ଠା- ୯୨ ।

୧୫- ଦାସ ମନୋଜ, ପ୍ରଚ୍ଛନ୍ନ ଭଗବାନ, ତତ୍ରୈବ, ପୃଷ୍ଠା- ୧୧୩ ।

୧୬- ଦାସ ମନୋଜ, ମୃତ୍ୟୁ: ଜୀବନର ଏକ ଛନ୍ଦ, ତତ୍ରୈବ, ପୃଷ୍ଠା- ୧୬୯ ।

୧୭- ଦାସ ମନୋଜ, ମୃତ୍ୟୁ: ଜୀବନର ଏକ ଛନ୍ଦ, ତତ୍ରୈବ, ପୃଷ୍ଠା- ୧୭୦ ।

୧୮- ଦାସ ମନୋଜ, ଅନେକ ଦୃଶ୍ୟ ଅଦୃଶ୍ୟ ରହସ୍ୟ, ତତ୍ରୈବ, ପୃଷ୍ଠା- ୨୦୬ ।

୧୯- ଦାସ ମନୋଜ, ବିବର୍ତ୍ତନର ଭାବୀ ପର୍ଯ୍ୟାୟ, ତତ୍ରୈବ, ପୃଷ୍ଠା- ୨୬୧ ।

୨୦- ଦାସ ମନୋଜ, ବିବର୍ତ୍ତନର ଭାବୀ ପର୍ଯ୍ୟାୟ, ତତୈବ, ପୃଷ୍ଠା- ୨୬୩

୨୧- ଦାସ ମନୋଜ, ଉପକ୍ରମଣିକା, ଶ୍ରୀ ପାଦଚିହ୍ନ ସଂଧାାନରେ, ଦ୍ୱିତୀୟ ସଂସ୍କରଣ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ- ୦୨, ୨୦୧୪, ପୃଷ୍ଠା- ୬ ।

୨୨- ଦାସ ମନୋଜ, ଉପକ୍ରମଣିକା, ଶ୍ରୀ ପାଦଚିହ୍ନ ସଂଧାାନରେ, ଦ୍ୱିତୀୟ ସଂସ୍କରଣ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ- ୦୨, ୨୦୧୪, ପୃଷ୍ଠା- ୧୦ ।

୨୩- ଦାସ ମନୋଜ, ଉପକ୍ରମଣିକା, ଶ୍ରୀ ପାଦଚିହ୍ନ ସଂଧା।ନରେ, ଦ୍ୱିତୀୟ ସଂସ୍କରଣ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ- ୦୨, ୨୦୧୪, ପୃଷ୍ଠା-୧୩ ।
୨୪- ଦାସ ମନୋଜ, ଯାଦୃଶୀ ଭାବନା ଯସ୍ୟ, ତତ୍ରୈବ, ପୃଷ୍ଠା-୩୨ ।
୨୫- ଦାସ ମନୋଜ, ପରିଶିଷ୍ଟ , ତତ୍ରୈବ, ପୃଷ୍ଠା- ୮୦ ।
୨୬- ଦାସ ମନୋଜ, ଶେଷ ଆରତିର ଶିଖା : ଅଜଣାର ଅନ୍ୱେଷଣେ । ପ୍ରଥମ ସଂସ୍କରଣ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ- ୦୨, ୨୦୧୨ । ପୃଷ୍ଠା- ୪୦ ।
୨୭- ଦାସ ମନୋଜ, ଶେଷ ଆରତିର ଶିଖା : ଅଜଣାର ଅନ୍ୱେଷଣେ । ପ୍ରଥମ ସଂସ୍କରଣ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ- ୦୨, ୨୦୧୨ । ପୃଷ୍ଠା- ୪୦ ।